# ତହସିଲ କାର୍ଯ୍ୟାଳୟ, ଲଖନପୁର, ଝାରସୁଗୁଡା

COURT OF THE TAHASILDAR LAKHANPUR

ବିଜ୍ଞାପନ ସଂଖ୍ୟା. ୭୨୪ / ତା. ୨୫.୨.୨୦

(ଲଘୁ ଖଣିଜ ଉତ୍ସର ଦୀର୍ଘମିୟାଦି ଲିଜ୍ ନିମନ୍ତେ ଇସ୍ତାହାର)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଝାରସୁଗୁଡା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ନିମ୍ନ ସାରଣିଭୁକ୍ତ ଲଘୁ ଖଣିଜ ଉତ୍ସଗୁଡିକ OMMC(Amendment) Rules-2016 ମୁତାବକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ (୨୦୨୦-୨୧ ଠାରୁ ୨୦୨୪-୨୫) ଲିଜ୍ ପାଇଁ ତହସିଲଦାର ଲଖନପୁରଙ୍କ ଦ୍ୱାରା ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଛୁକ ବ୍ୟକ୍ତିବିଶେଷ OMMC(Amendment) Rules-2016 ର (Form- M) ପୂରଣ କରି ୩(ତିନି) କପି ସହ ଆବଶ୍ୟକୀୟ କାଗଜାତ ନକଲ ସଂଲଗ୍ନ କରି ସିଲ ଲଫାଫା ରେ ସୈରାତ୍ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିବେ, ଯାହାକି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ତହସିଲ ଅଫିସ୍ ରେ ଥିବା Drop Box ରେ ତା. 16.03.2020 ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପୈଠ କରିପାରିବେ(ଛୁଟିଦିନ ବ୍ୟତୀତ)। ତା. 17.03.2020 ରିଖ ଦିବା ୧୧.୦୦ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ । ଅସଂପୂର୍ଣ୍ଣ ଦରକଆସ୍ତ ଗୁଡ଼ିକ ବାତିଲ କରାଯିବ । ଯେଉଁ ଉତ୍ସ ଗୁଡିକ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ ଚୁଡାନ୍ତ ହୋଇ ନଥିବ ସେହି ଉତ୍ସ ଗୁଡିକ ପାଇଁ ଦ୍ୱୀତିୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା-23.03.2020 ରିଖ ଓ ତା-30.03.2020 ରିଖ ମଧ୍ୟାନ୍ନ 12.00 ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ 3.30 ଘଟିକା ସମୟରେ ପୂର୍ବମତେ ଟେଣ୍ଡର ବକ୍ସ ଖୋଲାଯିବ । ଏହାର ସବିଶେଷ ବିବରଣି ଜିଲ୍ଲା website (www.jharsuguda.nic.in) ରେ ଉପଲବ୍ଧ ।

ତହସିଲଦାର, ଲଖନପୁର

Tahasildar
Lakhanpur

COURT OF THE TAHASILDAR LAKHANPUR

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍

1) ଦରଖାସ୍ତ ପାଉଣା ବାବଦ ଟ·1000·00(ଏକ ହଜାର ଟଙ୍କା ମାତ୍ର) ଅଣ-ଫେରସ୍ତ ଟ୍ରେଜେରୀ ଚ୍ଲାଣ (Head of Account-0853-Non-Ferrous Mining and Metallurgical Industries-102Mineral Concession Fees, Rents and Royalties) ରେ ଦାଖଲ କରିବେ ।

2) କୌଣସି ମାଇନଂ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ କରିବେ ।

3) It Returns ଏବଂ ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରତ ଉତ୍ସ ର ବାର୍ଷିକ ମୂଲ୍ୟ {Minimum guarantee quantity x (royalty + Additional Charge)} ଠାରୁ ଅଧିକ ହୋଇଥିବା ଆବଶ୍ୟକ ।

4) ଆବେଦନ କରିଥିବା ଜମି ର ସମ୍ପୂର୍ଣ୍ଣ ବିବରଣି ଓ ନକ୍ସା ।

5) Earnest Money ପାଇଁ Demand Draft (in favour of Tahasildar, Lakhanpur) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Addl. Charge) ଏବଂ Royalty (ଏକ ବର୍ଷ) ର ୫% ଠାରୁ କମ ହୋଇନଥିବ । [EMD= ୫% of {Minimum Guaranteed Quantity X (Royalty+Additional Charges)}]

Tahasildar
Lakhanpur

COURT OF THE TAHASILDAR
सत्यमेव जयते
LAKHANPUR

## ବିଶେଷ୍ ସର୍ତାବଳୀ

1) ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, OMMC(Amendment) Rules-2016 ର ପରିସରଭୁକ୍ତ ରହିବେ ।

2) ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟର Additional Charge ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

3) ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ସୈରାତ୍ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

4) ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଅତିରିକ୍ତ ଦେୟ ର (Additional Charge) ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅନ୍ୟୁନ ଅତିରିକ୍ତ ଦେୟ ନିମ୍ନ ମତେ ଦିଆଗଲା ।

a) ହାର 1 cum ପଥର ପ୍ରତି ଅତିରିକ୍ତ ଦେୟ (Additional Charge) ଟ.୭୬.୦୦

b) 1 cum ବାଲି ପ୍ରତି ଅତିରିକ୍ତ ଦେୟ (Additional Charge) ଟ.୧୩.୦୦ ଧାର୍ଯ୍ୟ କରାଯାଇଅଛି ।

5) ଲିଜ୍ ନିମନ୍ତେ ଯୋଗ୍ୟ ସୈରାତ୍ ଉତ୍ସର ବାର୍ଷିକ ଦେୟ {Minimum guarantee quantity x (royalty + Additional Charge)}+ Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି ଲିଜ ଚୁଡାନ୍ତ ହେବାର 15 ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହିନ ଅମାନତ ରାଶି (Security) ହିସାବରେ ରଖାଯିବ ।

6) ଲିଜ୍ ଧାରୀ 3 ମାସ ସମୟ ସୀମା ମଧ୍ୟରେ Mining plan in Form O ଏବଂ Environment Clearance ଦାଖଲ କରିବେ ଓ ଚୁକ୍ତି ସ୍ୱାକ୍ଷର କରିବେ ।

7) Mining plan ଟି Form O ରେ ଅନୁମୋଦିତ ହେବା ଆବଶ୍ୟକ ଓ Environment Clearance ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା ୧୫୩୩ ତା. ୧୪.୦୯.୨୦୦୬ ଅନୁଯାଇ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦିତ ହେବା ବିଧେୟ ।

Tahasildar
Lakhanpur

COURT OF THE TAHASILDAR

8) Environment Clearance ମଞ୍ଜୁରି ପରେ ଲିଜ ଧାରୀ ଏକ ବର୍ଷ ପାଇଁ Royalty, Surface Rent, Royalty ର 5% EMF, Royalty ର 10% District Mineral Foundation (DMF) ଏବଂ Royalty ର 2% TDS ବାବଦକୁ ରାଶି ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍ ଧାରୀ ରେଜିଷ୍ଟ୍ରେଷନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତି ପତ୍ର ସଂପାଦନ କରିବେ ।

9) ଯଦି ଯୋଗ୍ୟ ବିବେଚତ ଚୁକ୍ତି ସମ୍ପାଦନ ପୂର୍ବରୁ ମୁଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

10) ଯଦି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ୍ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

11) ଦରଖାସ୍ତକାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

12) ଲିଜ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚହ୍ନଟ କରିବେ ଓ ସମ୍ମୁଖ ଭାଗ ରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ ଧାରୀ ନିଜ ଖର୍ଚ୍ଚ ରେ କରିବେ ।

13) ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ ଧାରୀ ମାନେ ଆନୁପାତିକ ଭାବେ ବହନ କରିବେ ।

14) Reserve Assessment Report, Mining Plan and Environmental Clearance ବାବଦକୁ ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

15) ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ପାରିବେ ନାହିଁ ।

16) ଯଦି ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ପାଖରେ ରହିଛି ।

17) କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବେ ।

18) ନିଲାମ ଧାରୀ ମାନେ OMMC Rules, 2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ ।

19) ସର୍ବନିମ୍ନ ନିଶ୍ଚିତ ପରିମାଣ ଏବଂ ଉତ୍ସ ର ରକବା ମାଇନିଂ ପ୍ଲାନ ଅନୁସାରେ ପରିବର୍ତ୍ତନ ହୋଇପାରେ ।

Tahasildar
Lakhanpur

20) ଯେକୌଣସି ମୂହୁର୍ତ୍ତରେ ଯଦି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜଧାରୀ ନିୟମକୁ ମାନିବାକୁ ବାଧ୍ୟ ହେବେ ।

21) ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ । ଏହା ବ୍ୟତୀତ ଇସ୍ତିହାରର ସମସ୍ତ ବିବରଣୀ ଜିଲ୍ଲା ଓ୍ୱେବ ସାଇଟ www.jharsuguda.nic.in ରେ ମଧ୍ୟ ଦେଖିପାରିବେ ।

ଜ୍ୟୋତିର୍ମୟ ...
Tahasildar
Lakhanpur

COURT OF THE TAHASILDAR
सत्यमेव जयते
LAKHANPUR

# ସୈରାତ୍ ଉତ୍ସଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | ସଇରାତ ମୋକଦ୍ଦମା ନଂ | ଲଘୁ ଖଣିଜ ଉତ୍ସର ନାମ | ମୌଜା ର ନାମ | ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | କିସମ | ଅତିରିକ୍ତ ଦେୟ ପ୍ରତି ଘନ ମିଟର (In Rs.) | ଅନ୍ୟୂନ ଉତ୍ତୋଳନ ପରିମାଣ (MGQ in Cum) | ଅମାନତ ଅଗ୍ରିମ ରାଶି ଯାହାକି ବ୍ୟାଙ୍କ ଡ୍ରାଫ୍ଟ (Bank Draft) ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରାଯିବ (In Rs.) |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | 20/2015 | କୁମର ପଥର ଖାଦାନ୍ | କୁମର | ୧୮୦ | ୨୮୫ରୁ | ୧.୦୦ | ପତିତ | ୭୬.୦୦ | ୧୮୪୭ | ୧୯,୦୨୪.୦୦ |
| 2 | 18/2015 | ରମେଲା ପଥର ଖାଦାନ୍-୧ | ରମେଲା | ୩୩୧ | ୧୦୪୮ରୁ | ୨.୨୪ | ପଥର ଚଟାଣ | ୭୬.୦୦ | ୧୮୭୨ | ୧୯,୨୮୨.୦୦ |
| 3 | 24/2015 | ସରଣ୍ଡାମାଲ ପଥର ଖାଦାନ୍-୩ | ସରଣ୍ଡାମାଲ | ୨୩୫ | ୨୫୨୦ | ୩.୮୦ | ପଥର ଚଟାଣ | ୭୬.୦୦ | ୨୯୪୫ | ୩୦,୩୩୪.୦୦ |
| 4 | 3/2020 | ସେମଲିଆ ପଥର ଖାଦାନ | ସେମଲିଆ | ୦୧ | ୧୧୯୫ ରୁ<br>୧୧୯୬ ରୁ | ୧୯.୧୫<br>୫.୮୫ | ଜଳଭଣ୍ଡାର | ୭୬.୦୦ | ୯୯୭୫ | ୧,୦୨,୭୪୩.୨୫ |
| 5 | 4/2020 | ବାସେନପାଲି ପଥର ଖାଦାନ | ବାସେନପାଲି | ୦୧ | ୫୮୦<br>୧୦୬/୮୨୯ରୁ<br>୧୦୬/୮୨୮ ରୁ<br>୫୯୪/୮୩୨ ରୁ | ୧.୫୬<br>୩.୨୨<br>୧.୪୧<br>୬.୫୬ | ଜଳଭଣ୍ଡାର | ୭୬.୦୦ | ୫୫୬୩୧ | ୫,୭୨,୯୯୯.୦୦ |
| 6 | 1/2019 | କଣ୍ଡେଇକେଲା ପଥର ଖାଦାନ | କଣ୍ଡେଇକେଲା | ୩୬୯/୨୦୪ | ୩୯୩<br>୩୯୪ | ୨.୦୦<br>୦.୫୪ | ଆ.ସା<br>ପତିତ | ୭୬.୦୦ | ୫୯୯୫.୫ | ୬୧,୭୫୯.୦୦ |
| 7 | 2/2020 | ଛୁଇପାଳି ବାଲି ଶଯ୍ୟା | ଛୁଇପାଲି | ୦୧ | ୦୧ ରୁ<br>୦୩ ରୁ | ୧୦.୫୧<br>୪.୦୭ | ଜଳଭଣ୍ଡାର | ୧୩.୦୦ | ୧୩୬୫୯ | ୩୨,୭୮୧.୦୦ |
| 8 | 1/2020 | ସୁଖାସୋଡା ବାଲି ଶଯ୍ୟା | ସୁଖାସୋଡା | ୦୧ | ୯୭୭/୧୦୨୯ ରୁ | ୭.୦୦ | ଜଳଭଣ୍ଡାର | ୧୩.୦୦ | ୪୬୮୦ | ୧୧,୨୩୨.୦୦ |

**ଜ୍ଞାପକ ସଂଖ୍ୟା :** ୨୨୨ / **ତାରିଖ :** ୨୫.୨.୨୦

ଏହାର ଏକକତା ନକଲ ଜିଲ୍ଲାପାଳ, ଝାରସୁଗୁଡ଼ା / ଉପଜିଲ୍ଲାପାଳ, ଝାରସୁଗୁଡ଼ା / ଝାରସୁଗୁଡା ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ କାର୍ଯାଳୟ / ଝାରସୁଗୁଡା ଜିଲ୍ଲାର ସମସ୍ତ ତହସିଲ କାର୍ଯାଳୟ / ଝାରସୁଗୁଡା ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ତାଙ୍କର ସୂଚନା ଫଳକରେ ପ୍ରକାଶନ ନମନ୍ତେ ପ୍ରେରଣ କରାଗଲା ।

ଏହାର ଏକକତା ନକଲ ଜିଲ୍ଲା ସୂଚନା ଅଧିକାରୀ ଝାରସୁଗୁଡ଼ାଙ୍କୁ ଜିଲ୍ଲା ୱେବସାଇଟରେ ପ୍ରକାଶନ ନମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଲଖନପୁର

Tahasildar
Lakhanpur